# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**04th November - 2024**

**News Editor : *Itishree Singh Rathuar***

**************************************

## ମୁଖ୍ୟ ସମ୍ବାଦ

- ସାମୁଦ୍ରିକ ଝଡ଼ 'ଦାନା' ଯୋଗୁଁ ୬୦୦ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ରାଜସ୍ୱ ମନ୍ତ୍ରୀଙ୍କ ସୂଚନା; ୩ଟି ଜିଲ୍ଲା ବିଶେଷଭାବେ କ୍ଷତିଗ୍ରସ୍ତ ।

- ରାଜ୍ୟରେ ଆସନ୍ତା ୨୧ ତାରିଖରୁ ଖରିଫ୍ ଋତୁପାଇଁ ଧାନକିଣା ଆରମ୍ଭ ହେବା ନେଇ ମନ୍ତ୍ରୀସ୍ତରୀୟ ବୈଠକରେ ନିଷ୍ପତ୍ତି ।

- ବିକଶିତ ଭାରତ ଗଠନରେ ପ୍ରଯୁକ୍ତି ବିଦ୍ୟା ପ୍ରମୁଖ ଭୂମିକା ଗ୍ରହଣ କରିବ, କହିଲେ ରାଜ୍ୟପାଳ; ବି.ପି.ୟୁ.ଟି. ଟେକ୍-କାର୍ନିଭାଲ୍ ଉଦ୍‌ଘାଟିତ ।

ଏବଂ

- ସମ୍ବଲପୁର ଜିଲ୍ଲା ରେଢ଼ାଖୋଲରେ ଆରମ୍ଭ ହେଲା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ।

***BBSR/R***

# 'ଦାନା' - କ୍ଷୟକ୍ଷତି

ସାମୁଦ୍ରିକ ଝଡ଼ 'ଦାନା' ଯୋଗୁଁ ପ୍ରାଥମିକ ଆକଳନ ଅନୁସାରେ ୬୦୦ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ବାତ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ସେହିଭଳି ମୟୂରଭଞ୍ଜ, ଯାଜପୁର, ଜଗତ୍‌ସିଂହପୁର ଏବଂ କଟକ ଜିଲ୍ଲା ମଧ୍ୟ ପ୍ରଭାବିତ ହୋଇଛି । ବାତ୍ୟାରେ ୧୪ଟି ଜିଲ୍ଲାର ୧୩୧ଟି ବ୍ଲକ୍‌ର ୪୧ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ଏଥିଯୋଗୁଁ ମୋଟ୍ ୧୪ ହଜାର ୬୮୦ଟି ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଥିବାବେଳେ ୨୭ଟି ଘର ସମ୍ପୂର୍ଣ୍ଣଭାବେ କ୍ଷତିଗ୍ରସ୍ତ ହୋଇଛି । ତେବେ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଦିଆଯିବ । ବାତ୍ୟା କ୍ଷୟକ୍ଷତି ରିପୋର୍ଟ ଆସନ୍ତାକାଲି ସୁଦ୍ଧା କେନ୍ଦ୍ର ସରକାରଙ୍କୁ ପଠାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

***BBSR/R***

# ଖରିଫ୍ - ଧାନକିଣା

ରାଜ୍ୟରେ ଆସନ୍ତା ୨୧ ତାରିଖରୁ ଖରିଫ୍ ଋତୁପାଇଁ ଧାନକିଣା ଆରମ୍ଭ ହେବ । ଏସମ୍ପର୍କରେ ମନ୍ତ୍ରୀସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଛି । ପ୍ରଥମ

ପର୍ଯ୍ୟାୟରେ ବରଗଡ଼ ଜିଲ୍ଲାରୁ ଧାନକିଣା ଆରମ୍ଭ ହେବ । ଚଳିତ ବର୍ଷ ୮୦ ଲକ୍ଷ ଟନ୍ ଧାନ କିଣିବାକୁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ବୋଲି ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ସେ କହିଛନ୍ତି, ଚାଷୀଙ୍କଠାରୁ କୁଇଣ୍ଟାଲ୍ ପିଛା ୩ ହଜାର ୧୦୦ ଟଙ୍କାରେ ରାଜ୍ୟ ସରକାର ଧାନ କ୍ରୟ କରିବେ । ଧାନକିଣା ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବାପାଇଁ ୪ରୁ ୫ଟି ମଣ୍ଡିପାଇଁ ଜଣେ ଲେଖାଏଁ ସୁଭାରଭାଇଜର୍ ରହିବେ । ପଡ଼ୋଶୀ ରାଜ୍ୟରୁ ଯେଭଳି ଧାନ ରାଜ୍ୟ ମଧ୍ୟକୁ ନ ଆସିବ, ତାହା ଉପରେ ନଜର ରଖିବାକୁ ପାଟ୍ରୋଲିଂ ଟିମ୍ ମୁତୟନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

***Voice :...........***

***IPR***

# ବାଚସ୍ପତି - ଦକ୍ଷିଣ କୋରିଆ

ବିଦେଶ ଗସ୍ତରେ ଥିବା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଆଜି ଦକ୍ଷିଣ କୋରିଆରେ ପହଞ୍ଚିଛନ୍ତି । ଭାରତୀୟ ଦୂତାବାସ ପକ୍ଷରୁ ତାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି । ସେଠାରେ ଥିବା ଭାରତର ରାଷ୍ଟ୍ରଦୂତ ଅମିତ୍ କୁମାର ବାଚସ୍ପତିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ କରି ଓଡ଼ିଶା ସହ ଦକ୍ଷିଣ କୋରିଆର ସାମାଜିକ ଓ ସାଂସ୍କୃତି ଭାବ ବିନିମୟ ସମ୍ପର୍କରେ

ଆଲୋଚନା କରିଥିଲେ । ବାଚସ୍ପତି ଶ୍ରୀ କୁମାରଙ୍କ ସହ ବୃହତ୍ ଇସ୍ପାତ ନିର୍ମାଣକାରୀ କମ୍ପାନୀ ପୋସ୍କୋ ଓ ଜିନ୍ଦଲ୍ ଷ୍ଟିଲ୍ ମଧ୍ୟରେ ହୋଇଥିବା ବୁଝାମଣା ଏବଂ ଓଡ଼ିଶାରେ ଇସ୍ପାତ କମ୍ପାନୀ ପ୍ରତିଷ୍ଠା, ପୁଞ୍ଜିନିବେଶ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟାବସାୟିକ ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ଶ୍ରୀ କୁମାର ବାଚସ୍ପତିଙ୍କ ସହ ଶିକ୍ଷା, ସଂସ୍କୃତି ଏବଂ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର ସମ୍ପର୍କରେ ମଧ୍ୟ ଆଲୋଚନା କରିଥିବା ଜଣାପଡ଼ିଛି ।

***IPR***

## କନିଷ୍ଠ ସହାୟକ - ତାଲିମ

ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ କନିଷ୍ଠ ସହାୟକଙ୍କ ବୃତ୍ତିଭିତ୍ତିକ ତାଲିମ୍ କାର୍ଯ୍ୟକ୍ରମ ଆଜି ଆରମ୍ଭ ହୋଇଛି । କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା କହିଛନ୍ତି, ତୃଣମୂଳ ସ୍ତରରେ କାର୍ଯ୍ୟ କରିବାପାଇଁ ଏହି ତାଲିମ୍ ସହାୟକ ହେବ । ଏଥିରେ ପ୍ରଥମ ପର୍ଯ୍ୟାୟରେ ଅନୁଗୁଳ, ବଲାଙ୍ଗିର ବାଲେଶ୍ୱର, ଭଦ୍ରକ, ବୌଦ୍ଧ ଓ କଟକ ଜିଲ୍ଲାର ୪୦ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପର୍ଯ୍ୟାୟରେ ମୋଟ୍ ଶହେ ସତଷଠି ଜଣ କନିଷ୍ଠ ସହାୟକମାନଙ୍କୁ ତାଲିମ୍ ଦିଆଯିବ ବୋଲି ଶ୍ରୀମତୀ ଶର୍ମା କହିଛନ୍ତି । ଏଥିରେ ଏକାଉଣ୍ଟିଂ, ପ୍ରଶାସନିକ କାର୍ଯ୍ୟର କମ୍ପ୍ୟୁଟରୀକରଣ ଆଦି ସମ୍ବନ୍ଧରେ ତାଲିମ୍ ଦିଆଯାଉଛି ।

*Puri/R*

# ମେଘନାଦ ପାଚେରୀ

ପୁରୀ ଶ୍ରୀମନ୍ଦିରର ବହୁ ପ୍ରାଚୀନ କୀର୍ତ୍ତିରାଜି ମେଘନାଦ ପଚେରୀର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି । ପାଚେରୀର ବୈଷୟିକ ଯାଞ୍ଚ୍ ସହ କେମିକାଲ୍ ୱାଶିଂ କରାଯିବ ବୋଲି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ - ଏ.ଏସ୍.ଆଇ. ପକ୍ଷରୁ ସୂଚନା ମିଳିଛି । ପୂର୍ବରୁ ମେଘନାଦ ପାଚେରୀର ମରାମତି ପାଇଁ ଏ.ଏସ୍.ଆଇ. ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖାଯାଇଥିଲା ।

***BBSR/R***

# ଟେକ୍-କାର୍ନିଭାଲ୍

ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ସଦନ ପ୍ରେକ୍ଷାଳୟରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ - ବି.ପି.ୟୁ.ଟି. ପକ୍ଷରୁ ଆୟୋଜିତ ଟେକ୍-କାର୍ନିଭାଲ୍‌କୁ ରାଜ୍ୟପାଳ ରଘୁବର ଦାସ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ରାଜ୍ୟପାଳ କହିଛନ୍ତି, ବିକଶିତ ଭାରତ ଗଠନରେ ପ୍ରଯୁକ୍ତିବିଦ୍ୟା ପ୍ରମୁଖ ଭୂମିକା ଗ୍ରହଣ କରିବ । ବୈଷୟିକ ଜ୍ଞାନକୁ ସୁଯୋଗରେ ପରିଣତ କରାଯାଇପାରିବ । ବୈଷୟିକ କ୍ଷେତ୍ରରେ ଏକ ଦ୍ରୁତ ଭିତ୍ତିଭୂମିର ବିକାଶ ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ

କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

***Sambalpur/R***

# କୃଷି ଯନ୍ତ୍ରପାତି ମେଳା

ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲରେ ଆଜି ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଘାଟନ ହୋଇଛି । ଏଥିରେ ଚାଷୀ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ଯୋଗଦେଇ ବିଭିନ୍ନ କମ୍ପାନୀ ପକ୍ଷରୁ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରିଛନ୍ତି । ସୂଚନା ଅନୁସାରେ ଆସନ୍ତା ବୁଧବାର ୬ ତାରିଖରେ କଳାହାଣ୍ଡିର ଧର୍ମଗଡ, ୧୨ ତାରିଖରେ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ, ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ, ଗଞ୍ଜାମର ଭଞ୍ଜନଗର ଏବଂ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆଠାରେ ଏହି ମେଳାର ଆୟୋଜନ ହେବ । କୃଷି ଯନ୍ତ୍ରପାତି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ବିକ୍ରୟ ସହ କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକର ପ୍ରଚାର ପ୍ରସାର କରାଯିବ । ଅଧିକ ସୂଚନା ପାଇଁ କୃଷି ସମୃଦ୍ଧି ହେଲ୍‌ପଲାଇନ୍ ନମ୍ବର ୧୫୫-୩୩୩ରେ ଯୋଗାଯୋଗ କରାଯାଇପାରିବ ।

*Desk*

# ହରିହର ବେଶ

ପୁରୀ ଶ୍ରୀମନ୍ଦିରରେ ପରମ୍ପରା ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆଜି ରାଧା-ଦାମୋଦର ବେଶରେ ସୁସଜ୍ଜିତ କରାଯାଇଛି। ବଡ଼ଠାକୁର ବଳଭଦ୍ରଙ୍କୁ ହରିହର ବେଶରେ ସଜ୍ଜିତ କରାଯାଇଛି। ବଡ଼ଠାକୁରଙ୍କୁ ହର ବା ଶିବ ବିବେଚନା କରାଯାଉଥିବାରୁ ତାଙ୍କୁ ଆଜି ଅର୍ଦ୍ଧେକ ଧଳା ଓ ଅର୍ଦ୍ଧେକ କଳା ବେଶରେ ସଜ୍ଜିତ କରାଯିବା ସହ ୩୨ ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରାଯାଇଥିଲା। ଉଭୟ ଶିବ ଓ ବିଷ୍ଣୁଙ୍କ ମିଳିତ ଅଂଶସ୍ୱରୂପ ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଆଜି ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସୂଚନାଯୋଗ୍ୟ, କାର୍ତ୍ତିକ ମାସ ଅମାବାସ୍ୟ ପରଦିନଠାରୁ ପଞ୍ଚୁକ ଆରମ୍ଭର ଏକାଦଶୀ ତିଥି ମଧ୍ୟରେ ପଡୁଥିବା ସୋମବାର ଦିବସରେ ବଡ଼ଠାକୁରଙ୍କର ଏହି ଦୁର୍ଲଭ ହରିହର ବେଶ ଅନୁଷ୍ଠିତ ହୋଇଥାଏ।

ଅପର ପକ୍ଷରେ କାର୍ତ୍ତିକମାସ ଶୁକ୍ଳପକ୍ଷ ତୃତୀୟ ସୋମବାରରେ ଆଜି ରାଜ୍ୟର ଶୈବପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଛି । ଆଠଗଡ଼ର ବାବା ଧବଳେଶ୍ୱରଙ୍କ ପୀଠରେ ନୀତିକାନ୍ତି ସ୍ୱରୂପ ଭୋର୍ ୪ଟାରୁ ମନ୍ଦିରର ପହଡ଼ ଖୋଲାଯାଇ ୧୦୮ ସୁବାସିତ ଜଳରେ ଠାକୁରଙ୍କୁ ସ୍ନାନ କରାଯାଇଥିଲା। ସେହିଭଳି ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିରରେ ମଧ୍ୟ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି ।

*Gajapati, Nayagarh, Sonepur, Boudh, Kendrapara, Sambalpur/R*

# ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ପଞ୍ଜିକୃତ ହୋଇଥିବା ୯୧ଟି ଅଭିଯୋଗ ମଧ୍ୟରୁ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

ନୟାଗଡ଼ ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ଶିବିରରେ ୧୯୬ଟି ଅଭିଯୋଗ ମଧ୍ୟରୁ ୨୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବାବେଳେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଶିବିରରେ ୩୫ଟି ଅଭିଯୋଗର ଶୁଣାଣି କରାଯାଇଛି ।

ବୌଦ୍ଧରେ ଅନୁଷ୍ଠିତ ଶିବିରରେ ୮୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ।

କେନ୍ଦ୍ରାପଡ଼ା ଜିଲ୍ଲା ମ୍ୟୁନିସିପାଲିଟି ଟାଉନ୍‌ହଲ୍‌ଠାରେ ଆୟୋଜିତ ଶିବିରରେ ୧୮୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ଜଣାପଡ଼ିଛି । ସେଥିମଧ୍ୟରୁ ୧୮ଟି ସାମୂହିକ ଏବଂ ୧୬୪ଟି ବ୍ୟକ୍ତିଗତ ଅଭିଯୋଗ ରହିଛି ।

ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ୍ ମୁଖ୍ୟାଳୟରେ ଆୟୋଜିତ ଜନଶୁଣାଣି ଶିବିରରେ ୪୭ଟି ଅଭିଯୋଗ ମଧ୍ୟରୁ ୧୨ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।

ତେବେ ଆଜି ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ୍ ରହିଛି ।

***Ganjam/R***

## ଦୁର୍ନୀତି ନିବାରଣ ସପ୍ତାହ

ଗଞ୍ଜାମ ଜିଲ୍ଲା ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଯୁବ ରେଡ୍କ୍ରସ୍, ଜାତୀୟ ସେବା ଯୋଜନା ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ସହଯୋଗରେ ଛାତ୍ରଛାତ୍ରୀମାନେ ସାଧୁତା ଶପଥପାଠ କରିଥିଲେ ।

***Kendrapara/R***

## ମହକ

କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ' ଓ 'ମହକ' କୋରୁଆ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।

ମହୋତ୍ସବରେ ଶିଶୁମଙ୍ଗଳ କମିଟି, ଶିଶୁ ସୁରକ୍ଷା ବିଭାଗ କର୍ମକର୍ତ୍ତା ଓ ଚାଇଲ୍ଡ୍ ହେଲ୍ପ୍ ଲାଇନ୍‌ର କର୍ମକର୍ତ୍ତାମାନଙ୍କ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

***Gajapati/R***

## ଗଜପତି ମହୋତ୍ସବ

ଜିଲ୍ଲାସ୍ତରୀୟ ଗଜପତି ମହୋତ୍ସବ ଆସନ୍ତା ଡିସେମ୍ବର ମାସ ୧୮ ତାରିଖରୁ ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବ । ଜିଲ୍ଲାସ୍ତରୀୟ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅନୁଯାୟୀ ପୁରାଣ ପ୍ରସିଦ୍ଧ ଶୈବପୀଠ ପବିତ୍ର ମହେନ୍ଦ୍ରଗିରି ପର୍ବତରେ ଗିରିଶୃଙ୍ଗଠାରୁ ମଶାଲ ଯାତ୍ରା ଶୁଭାରମ୍ଭ ହେବ । ଗଜପତି ଷ୍ଟାଡିୟମ୍‌ରେ ଏହି ମହୋତ୍ସବ ସହ ପଲ୍ଲିଶ୍ରୀ ମେଳା ମଧ୍ୟ ଅନୁଷ୍ଠିତ ହେବ । ଜିଲ୍ଲାର ବିଭିନ୍ନ ଆଦିବାସୀ, କଳା ଓ ସଂସ୍କୃତି ପ୍ରଦର୍ଶନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

*****